# ଚଳିତ ଖରିଫ୍‌ରେ ୯ ହଜାର କୋଟିର ଫସଲ ଋଣ

## ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ମିଳିବ ଅଗ୍ରାଧିକାର

## ମତ୍ସ୍ୟ, ଗୋପାଳନ, କୁକୁଡ଼ା ଚାଷକୁ ଅଧିକ ମୂଳଧନ

**ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍:** କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ରାଜ୍ୟରେ କୃଷି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଚଳିତ ଖରିଫ୍-୨୦୨୦ ଋତୁରେ ସମବାୟ କ୍ଷେତ୍ର ମାଧ୍ୟମରେ ଚାଷୀମାନଙ୍କୁ ଫସଲ ଋଣ ପରିମାଣ ୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଚଳିତ ଖରିଫ୍‌ରେ ମୋଟ ୭ ହଜାର ୫୦୦ କୋଟି ଟଙ୍କା ଫସଲ ଋଣ ଆକାରରେ ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବର୍ଦ୍ଧିତ ଫସଲ ଋଣ ପ୍ରଦାନ ସମ୍ପର୍କରେ ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ କୁହାଯାଇଛି। ଲକ୍‌ଡାଉନ୍ ପରିସ୍ଥିତିରେ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀଙ୍କୁ ଚାଷକାର୍ଯ୍ୟ ନିମନ୍ତେ ଯୁଗ୍ମଦେୟ ଗୋଷ୍ଠୀରେ ସାମିଲ କରି ଫସଲ ଋଣ ଯୋଗାଇ ଦେବା, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଦିକୁ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ କୁହାଯାଇଛି। ଏଥି ସହିତ ମତ୍ସ୍ୟ, ଗୋପାଳନ, କୁକୁଡ଼ା ଚାଷ ଆଦି କ୍ଷେତ୍ରରେ ଅଧିକ ପରିମାଣର କାର୍ଯ୍ୟକାରୀ ମୂଳଧନ ଋଣ ଆକାରରେ ଯୋଗାଇଦେବା ପାଇଁ ଗୁରୁତ୍ୱ ଦିଆଯାଇଛି। ଲକ୍‌ଡାଉନ୍ ପରିସ୍ଥିତିରେ ରାଜ୍ୟର ଲୋକଙ୍କର ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଅଧିକ ଖାଦ୍ୟ ଉତ୍ପାଦନ ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଅଧିକ ଋଣର ଆବଶ୍ୟକତା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ପ୍ରକୃତ ଚାଷୀ, ଭାଗଚାଷୀ, ଭୂମିହୀନ କୃଷକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମବାୟ କ୍ଷେତ୍ରରେ ଫସଲ ଋଣ ପରିମାଣକୁ ବୃଦ୍ଧି କରାଯାଇଥିବା ପରିପ୍ରେକ୍ଷୀରେ ଜୁନ ୨୦୨୦ ତ୍ରୈମାସିକ ଶେଷ ସୁଦ୍ଧା ୫ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ସେହିପରି ସେପ୍ଟେମ୍ବର-୨୦୨୦ ତ୍ରୈମାସିକ ଶେଷ ସୁଦ୍ଧା ବାକି ୪ ହଜାର କୋଟି ଟଙ୍କା ଋଣ ପ୍ରଦାନର ଲକ୍ଷ୍ୟ ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନ୍ତର୍ଗତ କାର୍ଡଧାରୀ, ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ, ପ୍ରକୃତ ଚାଷୀ, ଭାଗଚାଷୀ, ଭୂମିହୀନ ଚାଷୀ ଓ ଯେଉଁମାନଙ୍କ ନିକଟରେ ଜମି ମାଲିକାନା ନାହିଁ ସେମାନଙ୍କୁ ନେଇ ଅଧିକ ଯୁଗ୍ମ ଦେୟ ଗୋଷ୍ଠୀ ଗଠନ କରି କିଷାନ କ୍ରେଡିଟ୍ କାର୍ଡ ଅନ୍ତର୍ଗତ ଫସଲ ଋଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କୃଷି କାର୍ଯ୍ୟ କରିବା ପାଇଁ ସ୍ୱଳ୍ପକାଳୀନ ଋଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ପିଏମ୍ କିଷାନ ଯୋଜନା ଏବଂ କାଳିଆ ଯୋଜନାର ଯେଉଁ ହିତାଧିକାରୀଙ୍କ କିଷାନ କ୍ରେଡିଟ୍ କାର୍ଡ ନାହିଁ ସେମାନଙ୍କ କାଗଜପତ୍ର ଯାଞ୍ଚ କରି କିଷାନ କ୍ରେଡିଟ୍ କାର୍ଡ ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ନାବାର୍ଡର ମାର୍ଗଦର୍ଶିକା ଅନୁଯାୟୀ ମତ୍ସ୍ୟଚାଷ, କୁକୁଡ଼ା ଚାଷ, ଗୋପାଳନ, ପ୍ରାଣୀପାଳନ, ଛେଳି ଚାଷ ଆଦି ନିମନ୍ତେ ଚାଷୀମାନଙ୍କୁ ଅଧିକ ଋଣ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସବୁ କ୍ଷେତ୍ରରେ ଋଣ ପ୍ରଦାନ ନିମନ୍ତେ ମିଶନ ଶକ୍ତି ଅଭିଯାନ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଭିତ୍ତିରେ ସ୍ୱଳ୍ପକାଳୀନ ଋଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସମବାୟ ସଂସ୍ଥା ଦ୍ୱାରା ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଇ ଧାର୍ଯ୍ୟ ସମୟ ମଧ୍ୟରେ ଋଣ ପରିଶୋଧ କରୁଥିବା ଚାଷୀମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ୫୦ ହଜାର ଟଙ୍କାରୁ ଅଧିକ ଏବଂ ୩ ଲକ୍ଷ ଟଙ୍କା ମଧ୍ୟରେ ଋଣ ନେଇ ସମୟସୀମା ମଧ୍ୟରେ ଋଣ ପୈଠ କଲେ ମାତ୍ର ୨ ପ୍ରତିଶତ ସୁଧ ଦେବାକୁ ପଡୁଛି।